Bharat Darshan

# ଆଇଆଇପିଏମ୍‌ରେ ବହୁ ରାଷ୍ଟ୍ରୀୟ କମ୍ପାନୀଙ୍କ କ୍ୟାମ୍ପସ

ରାଉରକେଲା, ୦୪/୦୨ : କାଂଶବାହାଲ ସ୍ଥିତ ଆଇଆଇପିଏମ୍‌ରେ ପୁନର୍ବାର ବହୁ ରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା କ୍ୟାମ୍ପସ୍ ରିକ୍ରୁଟମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଟି ମହାଦେଶ ଓ ୧୭ଟି ଦେଶର ସର୍ଣ୍ଣ ଓ ଆଲୁମିନିୟମ୍ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ଗତ ଜାନୁଆରୀ ମାସ ୩୧ ତାରିଖ ଦିନ କ୍ୟାମ୍ପସ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ ଶିକ୍ଷାର୍ଥୀମାନଙ୍କୁ ଭଲ ପ୍ୟାକେଜ୍ ନିଯୁକ୍ତି ଦେବା ପାଇଁ ଚୟନ କରାଯାଇଥିଲା । ବିଗତ ଦିନରେ ଆଇଆଇପିଏମ୍ କ୍ୟାମ୍ପସ୍‌ରେ ଏଲ୍ ଆଣ୍ଡ ଟି, ଓସିଏଲ, ଟେଗା, ଜେ.କେ. ପେପର ଭଳି ପ୍ରମୁଖ କମ୍ପାନୀ କ୍ୟାମ୍ପସ୍ ଆୟୋଜନ କରି ସାରିଛନ୍ତି । ନିକଟ ଭବିଷ୍ୟତରେ ନେକୋ ଇଣ୍ଡିଆ ଲିମିଟେଡ୍ କ୍ୟାମ୍ପସ୍ ରିକ୍ରୁଟ୍‌ମେଣ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ସେହିପରି ଗତ ୩୦ ତାରିଖ ଦିନ ଉଷା ମେସିନ୍ ଲିମିଟେଡ୍ ଆଇଆଇପିଏମ୍ ଛାତ୍ରଙ୍କ ନିମନ୍ତେ ଏନ୍ଆଇଟି, ରାଉରକେଲାରେ କ୍ୟାମ୍ପସ୍ ଆୟୋଜନ କରି କିଛି ଛାତ୍ରଙ୍କୁ ଚୟନ କରିଥିବା ଜଣାପଡ଼ିଛି । ଆଇଆଇପିଏମ୍‌ରେ ଚଳିତ ବର୍ଷଠାରୁ ଇଂଜିନିୟରିଂ, ମ୍ୟାନେଜମେଣ୍ଟ, କଣ୍ଜ୍ୟୁମର ମାର୍କେଟିଂ, ମେଣ୍ଟେନାନ୍ସ ମ୍ୟାନେଜମେଣ୍ଟ ଉପରେ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଛି ବୋଲି ପ୍ରତିଷ୍ଠାନର ସହ ନିର୍ଦ୍ଦେଶକ ମିହିର ରଂଜନ ନାୟକ କହିଛନ୍ତି ।